بسم الله الرحمن الرحيم

ଖୁତ୍‌ବା ଜୁମା ୯ ଜୁନ୍ ୨୦୨୩ର ସାରାଂଶ
ସ୍ଥାନ- ମସ୍‌ଜିଦ୍ ବୈତୁଲ୍ ଫୁତୁହ୍, ଲଣ୍ଡନ (ୟୁ.କେ)

# ବଦର୍ ଯୁଦ୍ଧ ଓ ବିଭିନ୍ନ ପ୍ରାରମ୍ଭିକ ଯୁଦ୍ଧ ତଥା ସରାୟା ଆଦି ସଂପର୍କରେ ଆଁହଜରତ ସ.ଅଙ୍କ ଜୀବନୀ ଓ ଇତିହାସର ବିଶ୍ୱାସବର୍ଦ୍ଧକ ଘଟଣାବଳୀ ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଊଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଦ୍ଦ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ;- ପ୍ରବାସ ପରର ପ୍ରାରମ୍ଭିକ ଅବସ୍ଥା, ବଦର୍ ଯୁଦ୍ଧର କାରଣ, ମକ୍କାର ଅବିଶ୍ୱାସାକାରୀଙ୍କ କାର୍ଯ୍ୟାନୁଷ୍ଠାନ ଓ ସେମାନଙ୍କର ଯୋଜନାକୁ ପ୍ରତିହତ କରିବା ନିମନ୍ତେ ଆଁହଜରତ ସ.ଅ ଯେଉଁ କାର୍ଯ୍ୟାନୁଷ୍ଠାନ ତଥା ପଦକ୍ଷେପ ଗ୍ରହଣ କରିଥିଲେ ତତ୍‌ସଂପର୍କିତ ଚର୍ଚ୍ଚା ଚାଲିଥିଲା । ବଦର୍ ଯୁଦ୍ଧ ପୂର୍ବରୁ ଆଉ କେତେକ ସରାୟା ଓ ଯୁଦ୍ଧ ମଧ୍ୟ ହୋଇଥିଲା ଏବଂ ମକ୍କାର ଅବିଶ୍ୱାସକାରୀଙ୍କ ଯୁଦ୍ଧ ନିମନ୍ତେ ପ୍ରସ୍ତୁତିର କିଞ୍ଚିତ ଅବସ୍ଥା ମଧ୍ୟ ବର୍ଣ୍ଣନା କରିବି । **ଇନଶାଅଲ୍ଲାଃ।**

ରସୁଲୁଲ୍ଲାଃ ସ.ଅ ରମଜାନ୍ ମାସ ୧ ହିଜ୍ରୀରେ ପ୍ରଥମ ସରିୟା ହ. ହମ୍‌ଜା ର.ଅଙ୍କୁ ପ୍ରେରଣ କରିଥିଲେ । ଯାହାଙ୍କୁ **ସୈଫୁଲ୍ ବହର୍** ବୋଲି ମଧ୍ୟ କୁହାଯାଏ । ଉକ୍ତ ଯୁଦ୍ଧରେ ଧ୍ୱଜାର ରଙ୍ଗ ଧବଳ ବର୍ଣ୍ଣ ଥିଲା, ଅବୁ ମୁର୍ସଦ ର.ଅ ଧ୍ୱଜବାହକ ଥିଲେ ଏବଂ ଆଁହଜରତ ସ.ଅ ନିଜର ଚଚା ହ. ହମ୍‌ଜା ବିନ୍ ଅବ୍‌ଦୁଲ୍ ମୁତଲ୍ଲିବ ର.ଅଙ୍କୁ ଉକ୍ତ ସୈନ୍ ଦଳରେ ଅମୀର ରୂପେ ନିଯୁକ୍ତ କରିଥିଲେ । ୩୦ ଜଣ ପ୍ରବାସକାରୀ ଆରୋହୀ ଆପଣ ର.ଅଙ୍କ ସହିତ ଥିଲେ । ଐସ୍ ନାମକ ଏକ ସ୍ଥାନରେ ଅବୁ ଜହଲ୍‌ର ନେତୃତ୍ୱରେ ସିରୀୟାକୁ ଆସିବାକୁ ଥିବା ଏକ ଦଳ ସହିତ ସେମାନେ ମୁହାଁମୁହିଁ ହୋଇଥିଲେ । ଉଭୟ ପକ୍ଷର ସୈନ୍ୟଦଳ ଧାଡ଼ି ବାନ୍ଧି ଛିଡ଼ା ହେଲେ । କିନ୍ତୁ ବନୁ ସଲିମ୍ ସଂପ୍ରଦାୟର ଜଣେ ଅଧିପତି ମଧ୍ୟସ୍ଥିତା କରାଇଦେଲା ଏବଂ ଉଭୟ ପକ୍ଷ ଯୁଦ୍ଧ ନକରି ଫେରିଗଲେ ।

ପୁନଶ୍ଚ ସରିୟା ଉବୈଦାହ୍ ବିନ୍ ହାରିସ୍ ଅଟେ । ଶୱାଲ୍ ମାସ ୧ ହିଜ୍ରୀରେ ରସୁଲୁଲ୍ଲାଃ ସ.ଅ ହ. ଉବୈଦାହ୍ ବିନ୍ ହାରିସ୍ ର.ଅଙ୍କୁ ୬୦ ଜଣ ପ୍ରବାସକାରୀଙ୍କର ନେତୃତ୍ୱ ଓ ଦାୟିତ୍ୱ ଅର୍ପଣ କରି ସନିୟତୁଲ୍ ମୁର୍‌ରାହ୍ ଅଭିମୁଖେ ପ୍ରେରଣ କରିଥିଲେ । ଯେଉଁଠି ଅବୁ ସୁଫିୟାନ୍ ଓ ତା'ର ୨୦୦ ଅଶ୍ୱାରୋହୀଙ୍କ ସହିତ ମୁହାଁମୁହିଁ ହୋଇଥିଲେ । ଉଭୟ ପକ୍ଷଙ୍କ ପଟୁ କିଞ୍ଚିତ ତୀର ଚାଳନା ହୋଇଥିଲା । କିନ୍ତୁ ନିୟମିତ ଯୁଦ୍ଧ ହେଲା ନାହିଁ । ଏହା ପୂର୍ବରୁ ମୁସଲମାନ ଓ ଅବିଶ୍ୱାସକାରୀଙ୍କ ମଧ୍ୟରେ କେବେ ବି ତୀର ଚାଳନା ହୋଇ ନଥିଲା । ମୁସଲମାନମାନଙ୍କ ପକ୍ଷରୁ ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ପ୍ରଥମ ତୀର ଚାଳନା କରିଥିଲେ । ଇସ୍‌ଲାମୀୟ ଇତିହାସରେ ତୀର ଚଳାଇବାର ଏହା ପ୍ରଥମ ଘଟଣା ଥିଲା । ସେହି କାରଣରୁ ହ. ସାଆଦ୍ ର.ଅ ନିଜକୁ ସର୍ବଦା ଗର୍ବିତ ମନେକରୁ ଥିଲେ । ଏହାପରେ ପରେ ଉଭୟ ପକ୍ଷର ସୈନ୍ୟଦଳ ନିଜ ଅଞ୍ଚଳକୁ ଫେରି ଯାଇଥିଲେ ।

ପୁନଶ୍ଚ ସରିୟା ହ. ସାଆଦ୍ ବିନ୍ ଅବି ୱକ୍କାସ ର.ଅ ଏକ କିମ୍ବା ଦୁଇ ହିଜ୍ରୀରେ ହୋଇଥିଲା । ରସୁଲୁଲ୍ଲାଃ ସ.ଅ କୁରୈଶମାନଙ୍କର ଏକ ବାଣିଜ୍ୟିକ ଦଳକୁ ରୋକିବା ନିମନ୍ତେ ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କୁ ୨୦ ଜଣ ଲୋକମାନଙ୍କ ସମେତ ଅମୀର ରୂପେ ନିଯୁକ୍ତ କରି ପ୍ରେରଣ କଲେ ଏବଂ ଆଦେଶ ଦେଲେ ଯେ, ହେ ସାହାବାଗଣ ! ତୁମେମାନେ ଖ୍ରାର୍ ଘାଟି ଠାରୁ ଆଗକୁ ବଢିବ ନାହିଁ । କିନ୍ତୁ ଯେତେବେଳେ ସେହି ସୈନ୍ୟଦଳ ଖ୍ରାର ନାମକ ସ୍ଥାନରେ ପହଞ୍ଚିବା ପୂର୍ବରୁ ହିଁ ସେଠାରୁ ପ୍ରସ୍ଥାନ କରିଥିଲା । ତେଣୁ ଉଭୟ ସୈନ୍ୟଦଳ ପରସ୍ପର ମଧ୍ୟରେ କୌଣସି ସଂଘର୍ଷ ନକରି ଫେରି ଅସିଲେ ।

ପୁନଶ୍ଚ ଆଉ ଯୁଦ୍ଧ ହେଲା ଯାହାର ନାମ ହେଲା **ୱଦ୍ଦାନ୍** । ଉକ୍ତ ଯୁଦ୍ଧ ସଫର ୨ହିଜ୍ରୀରର ଘଟଣା ଅଟେ । ରସୁଲ୍ କରୀମ୍ ସ.ଅ ୬୦ କିମ୍ବା ୭୦ ଜଣ ସାହାବାମାନଙ୍କ ସହିତ ୱଦ୍ଦାନ୍ ଅଭିମୁଖେ ବାହାରିଥିଲେ । ଇବ୍‌ନେ ସାଆଦ୍ ନାମକ ଇତିହାସବିତ୍‌ଙ୍କ ନିକଟରେ ଏହା ପ୍ରଥମ ଯୁଦ୍ଧ ଅଟେ ଯହିଁରେ ଆଁହଜରତ ସ.ଅ ସାକ୍ଷାତ୍ ସାମିଲ୍ ହୋଇଥିଲେ । ଆପଣ ସ.ଅ ହ. ସାଆଦ ବିନ୍ ଉବାଦାହ୍ ର.ଅଙ୍କୁ ମଦିନାରେ ନିଜର ନାଏବ୍ ଭାବରେ ନିଯୁକ୍ତ କରିଥିଲେ । କୁରୈଶୀୟମାନଙ୍କର ବାଣିଜ୍ୟିକ ତଥା ବ୍ୟବସାୟିକ ଦଳକୁ ରୋକିବାର ଆପଣ ସ.ଅଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା । କିନ୍ତୁ ସେମାନେ ଆଁହଜରତ ସ.ଅଙ୍କ ପହଞ୍ଚିବା ପୂର୍ବରୁ ହିଁ ସେଠାରୁ ବାହାରି ଯାଇଥିଲେ ଅର୍ଥାତ ପ୍ରସ୍ଥାନ କରିଥିଲେ । ଆପଣ ସ.ଅ ବନୁ ଜମ୍‌ରାହ୍‌ର ଅଧିପତି ମଖ୍‌ଶି ବିନ୍ ଉମ୍ରୋ ଜମ୍ରୀ ସହିତ ସନ୍ଧିର ଚୁକ୍ତି କଲେ । ଅତଏବ ଉକ୍ତ ସନ୍ଧି ଅନୁସାରେ ଉଭୟ ପକ୍ଷ ପ୍ରତିପକ୍ଷଙ୍କ ଉପରେ ଆକ୍ରମଣ କରିବେ ନାହିଁ କି କୌଣସି ଦଳୀୟ ପକ୍ଷର ଶତ୍ରୁକୁ ସମର୍ଥନ ଜଣାଇବେ ନାହିଁ । ଉକ୍ତ ଯାତ୍ରାରେ ଆପଣ ସ.ଅ ୧୫ ଦିନ ମଦିନାରୁ ବାହାରେ ରହିଲେ ।

ବୱାତ୍ ଯୁଦ୍ଧ ରବିଉଲ୍ ଅୱଲ୍ ମାସ ୨ ହିଜ୍ରୀରେ ସଂଘଟିତ ହୋଇଥିଲା । ରସୁଲୁଲ୍ଲାଃ ସ.ଅ ହ. ସାଆଦ୍ ବିନ୍ ମୁଆଜ୍ ର.ଅଙ୍କୁ ମଦିନାର ଅମୀର ଭାବରେ ନିଯୁକ୍ତ କରିଥିଲେ ଓ ନିଜର ଦୁଇ ସାହାବିଙ୍କ ସହିତ କୁରୈଶୀୟ ଦଳକୁ ରୋକିବା ନିମନ୍ତେ ବାହାରିଲେ । ଉକ୍ତ ଦଳରେ ଉମୈୟା ବିନ୍ ଖଲଫ୍‌ଙ୍କ ବ୍ୟତୀତ ଏକଶତ ଅନ୍ୟ କୁରୈଶୀୟ ଓ ଦୁଇ ହଜାର ପାଞ୍ଚ ଶହ ଓଟ ଥିଲେ । ବୱାତ୍ ଠାରେ ପହଞ୍ଚିବା ମାତ୍ରେ ଆପଣ ସ.ଅ କାହା ସହିତ ମୁହାଁମୁହିଁ ହୋଇ ନଥିଲେ ଏବଂ ଆପଣ ସ.ଅ ମଦିନା ଫେରି ଆସିଥିଲେ । ଉକ୍ତ ଯୁଦ୍ଧରେ ଧ୍ୱଜାର ରଙ୍ଗ ଧବଳ ବର୍ଣ୍ଣ ଥିଲା, ଯାହାକୁ ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ଧରିଥିଲେ ।

ଉଶୈରାହ୍ ଯୁଦ୍ଧ: ଯେତେବେଳେ ଆଁହଜରତ ସ.ଅଙ୍କୁ ଏହି ସୂଚନା ପ୍ରାପ୍ତ ହେଲା ଯେ, କୁରୈଶ୍‌ର ଏକ ବାଣିଜ୍ୟିକ ଦଳ ମକ୍କାରୁ ବାହାରିଛି ଏବଂ ମକ୍କାବାସୀ ଉକ୍ତ ବାଣିଜ୍ୟିକ ଦଳ ଉପରେ ନିଜର ସମସ୍ତ ବାଣିଜ୍ୟିକ ଅର୍ଥ ବିନିଯୋଗ କରିଦେଇଥିଲେ । କାରଣ ଯେଉଁ ଲାଭ ପ୍ରାପ୍ତ ହେବ ତାହା ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧରେ ବ୍ୟବହୃତ ହେବ । ସୁତରାଂ ଆପଣ ସ.ଅ ଜମାଦିଉଲ୍ ଉଲା ଅବା ଜମାଦିଉଲ୍ ସାନିୟା ୨ ହିଜ୍ରୀରେ ୧୫୦, ୨୦୦ ବ୍ୟକ୍ତିଙ୍କ ସମେତ ଯାତ୍ରାରେ ବାହାରି ପଡ଼ିଲେ । ଆପଣ ସ.ଅ ଯେତେବେଳେ ଉଶୈରାହ୍ ଠାରେ ପହଞ୍ଚିଲେ ସେତେବେଳେ ଏହା ଜାଣିବାକୁ ପାଇଲେ ଯେ, ସେହି ଦଳଟି ତ' କିଛି ଦିନ ପୂର୍ବରୁ ହିଁ ସେଠାରୁ ଯାଇ ସାରିଛି । ଆପଣ ସ.ଅ କିଛି ଦିନ ସେଠାରେ ଅବସ୍ଥାନ କଲେ ଏବଂ ବନୁ ମୁଦଲ୍ଲଜ୍ ଓ ବନୁ ଜମର୍‌ରାହ୍ର ମିତ୍ରମାନଙ୍କ ସହିତ ସନ୍ଧି କଲେ ଓ ଏହାପରେ ଆପଣ ସ.ଅ ମଦିନା ଫେରି ଆସିଲେ । ଏହି ଦଳଟି କୁରୈଶ୍‌ର ସେହି ଦଳ ଥିଲା ଯିଏ ସିରୀୟାରୁ ପ୍ରତ୍ୟାବର୍ତ୍ତନ ବେଳେ ଆପଣ ସ.ଅ ପୁନଃ ଉକ୍ତ ଦଳର ପିଛା କରିବା ପାଇଁ ବାହାରି ପଡ଼ିଲେ । ଫଳତଃ ଆପଣ ସ.ଅ ବଦର୍ ଯୁଦ୍ଧର ସମ୍ମୁଖୀନ ହେଲେ ।

ବଦ୍ରୁଲ୍ ଉଲା ଯୁଦ୍ଧ: ରସୁଲୁଲ୍ଲାଃ ସ.ଅ ଯେତେବେଳେ ଉଶୈରାହ୍ ଯୁଦ୍ଧରୁ ଫେରିଲେ ସେତେବେଳେ ଦଶ ଦିନ ମଧ୍ୟ ବିତି ନଥିଲା କି କୁର୍ଜ ବିନ୍ ଜାବିର ମଦିନାର ଗୋଚର ଭୂମି ଉପରେ ଆକ୍ରମଣ କରିଦେଲେ । ଆପଣ ସ.ଅ କୁର୍ଜ ବିନ୍ ଜାବିର୍‌ର ପିଛା କଲେ ଏବଂ ହ. ଜୈଦ୍ ବିନ୍ ହାର୍ସାଙ୍କୁ ନିଜର ନାଏବ୍ (ଉପ) ନିଯୁକ୍ତ କଲେ । ଆପଣ ସ.ଅ ସଫ୍‌ୱାନ୍ ଉପତ୍ୟକାରେ ପହଞ୍ଚିଲେ କିନ୍ତୁ କୁର୍ଜ ବିନ୍ ଜାବିର୍ ଦ୍ରୁତ ଗତିରେ ଆଗକୁ ବାହାରି ଗଲା ଓ ଆପଣ ସ.ଅ ତା'କୁ ଧରି ପାରିଲେ ନାହିଁ । ଅତଏବ ଆପଣ ସ.ଅ ମଦିନା ପୁନଃ ଫେରି ଆସିଲେ । ଉକ୍ତ ଯୁଦ୍ଧକୁ ବଦ୍‌ରୁଲ୍ ଉଲା ଏଇଥି ପାଇଁ କୁହାଯାଏ ଯେ, ବଦର ଭୂମିର ଏକ ପାର୍ଶ୍ୱ ସଫ୍‌ୱାନ୍ ପର୍ଯ୍ୟନ୍ତ ମୁସଲମାନମାନଙ୍କର ବିଶାଳ ସୈନ୍ୟ ବାହିନୀ ପରିବ୍ୟାପ୍ତ ଥିଲା ।

କୁର୍ଜ ବିନ୍ ଜାବିର୍ ସଂକ୍ରାନ୍ତରେ ହ. ମିର୍ଜା ବଶୀର୍ ଅହେମଦ ସାହେବ ଯେଉଁ ବୃତ୍ତାନ୍ତ ଉଲ୍ଲେଖ କରିଛନ୍ତି ତତ୍‌ସଂକ୍ରାନ୍ତରେ ସେ କୁହନ୍ତି ଯେ, କୁର୍ଜ ବିନ୍ ଜାବିର୍‌ଙ୍କ ଏହି ଆକ୍ରମଣ ଏକ ସାଧାରଣ ଗାଉଁଲିଆ ହତ୍ୟାକାଣ୍ଡ ନଥିଲା । ବରଂ ନିଃସନ୍ଦେହ ରୂପେ ତାହା କୁରୈଶ ପକ୍ଷରୁ ମୁସଲମାନମାନଙ୍କ ବିରୁଦ୍ଧରେ ପ୍ରାୟୋଜିତ ଓ ସୁଚିନ୍ତିତ ଉଦ୍ଦେଶ୍ୟ ରଖି ଆସିଥିଲା ତାହା ନୁହେଁ । ବରଂ ସମ୍ଭବତଃ ତା'ର ଉଦ୍ଦେଶ୍ୟ ବିଶେଷ କରି ଆଁହଜରତ ସ.ଅଙ୍କ ଅସ୍ତିତ୍ୱକୁ କ୍ଷତି ପହଞ୍ଚାଇବା ହୋଇଥାଇ ପାରେ । କିନ୍ତୁ ସେ ମୁସଲମାନମାନଙ୍କୁ ସତର୍କ କରାଇ ମୁସଲମାନମାନଙ୍କର ଓଟ ଚୋରି କରି ଖସିଗଲା ।

ତହିଁରୁ ଏହା ଜ୍ଞାତ ହୁଏ ଯେ, ମକ୍କାର କୁରୈଶମାନେ ଏହି ସଂକଳ୍ପ କରି ନେଇଥିଲେ ଯେ, ମଦିନା ଉପରେ ଚଢଉ କରି ମୁସଲମାନମାନଙ୍କର ବିନାଶ ସାଧନ କରିଦିଆଯାଉ । ଏକଥା ମନେ ରଖିବା ଉଚିତ ଯେ, ଏହା ପୂର୍ବରୁ ମୁସଲମାନମାନଙ୍କୁ **ଜିହାଦ୍ ବିସ୍ ସୈଫ୍** କରିବାର ଅନୁମତି ମିଳି ସାରିଥିଲା ଏବଂ ସେମାନେ ଆତ୍ମରକ୍ଷା ଦୃଷ୍ଟିରେ ତତ୍ସଂକ୍ରାନ୍ତରେ ପ୍ରାରମ୍ଭିକ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିବାକୁ ଆରମ୍ଭ କରି ଦେଇଥିଲେ । କିନ୍ତୁ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ପକ୍ଷରୁ ଅବିଶ୍ୱାସକାରୀମାନଙ୍କୁ ବ୍ୟବହାରିକ କୌଣସି ପ୍ରକାରରେ ଧନ, ଜୀବନ ହାନୀ ପହଞ୍ଚି ନଥିଲା । କିନ୍ତୁ କୁର୍ଜ ବିନ୍ ଜାବିର୍ର ଆକ୍ରମଣ କରିବା ଦ୍ୱାରା ମୁସଲମାନମାନଙ୍କୁ ବ୍ୟବହାରିକ ରୂପେ ତଥା ଜାଣିଶୁଣି କ୍ଷତି ସହ୍ୟ କରିବାକୁ ପଡ଼ିଥିଲା । ଅର୍ଥାତ ମୁସଲମନମାନଙ୍କ ପକ୍ଷରୁ କୁରୈଶ୍ର ଚ୍ୟାଲେଞ୍ଜ ସ୍ୱୀକାର କରି ନେବା ପରେ ମଧ୍ୟ ବ୍ୟବହାରିକ  ତଥା ଯୁଦ୍ଧ କରିବାରେ ଅବିଶ୍ୱାସକାରୀମାନେ ଆଗୁଆ ପଦକ୍ଷେପ ଗ୍ରହଣ କରିଥିଲେ ।

ଅବ୍ଦୁଲ୍ଲାଃ ବିନ୍ ହଜସ୍ ଯୁଦ୍ଧ ମକ୍କା ବିକଟବର୍ତ୍ତୀ ନଖ୍ଲା ନାମକ ଉପତ୍ୟକା ଠାରେ ହୋଇଥିଲା । ଏ ସଂପର୍କରେ ଉଲ୍ଲେଖ ରହିଛି ଯେ, ରସୁଲ କରୀମ୍ ସ.ଅ ରଜବ୍ ମାସରେ ହ. ଅବ୍ଦୁଲ୍ଲାଃ ବିନ୍ ହଜଶ୍ ର.ଅଙ୍କୁ ୮ ଜଣ ପ୍ରବାସକାରୀଙ୍କ ସହିତ ପ୍ରେରଣ କରିଥିଲେ । ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ଓ ହ. ଅତ୍ବା ବିନ୍ ଗଜ୍ୱାନ୍ଙ୍କ ଓଟ କୁଆଡ଼େ ହଜି ଯାଇଥିଲା ଯାହାର ସନ୍ଧାନରେ ଏମାନେ ପଛରେ ରହି ଯାଇଥିଲେ ଓ ଅନ୍ୟ ସମସ୍ତେ ନଖ୍ଲା ଠାରେ ପହଞ୍ଚି ଯାଇଥିଲେ। ମକ୍କାର ଅବିଶ୍ୱାସକାରୀମାନେ ସେଠାରେ ମୁସଲମାନମାନଙ୍କୁ ଦେଖି ଆତଙ୍କିତ ହୋଇଯାଇଥିଲେ । ହୁର୍ମତ ମାସର ଅର୍ଥାତ ରଜବ ମାସର ଶେଷ ଦିନ ଥିଲା । ମୁସଲମାନମାନଙ୍କ ସହିତ ପରାମର୍ଶ କଲେ ଯେ, ଏମାନଙ୍କୁ ଯଦି ଛାଡ଼ି ଦିଆଯାଏ ତେବେ ଏମାନେ ହାତରୁ ଖସିଯିବେ । ତେଣୁ ସେମାନେ କୁରୈଶ୍ମାନଙ୍କ ଉପରେ ଆକ୍ରମଣ କରିଦେଲେ ଓ ତାଙ୍କର ଜଣେ ଅଧିପତି ଉମ୍ରୋ ବିନ୍ ହଜ୍ରମୀକୁ ହତ୍ୟା କରିଦେଲେ । ହ. ଅବ୍ଦୁଲ୍ଲାଃ ବିନ୍ ହଜଶ୍ ର.ଅ ଦୁଇ ଜଣ କୈଦୀ ଓ ଓଟକୁ ଧରି ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ମଦିନାରେ ଉପସ୍ଥିତ ହୋଇଗଲେ । ଆପଣ ସ.ଅ କହିଲେ, ମୁଁ ତୁମକୁ ଏହି ଆଦେଶ ଦେଇ ନଥିଲି ଯେ, ତୁମେ ହୁରମତ ମାସରେ ଯୁଦ୍ଧ କରିବ ଏବଂ ଆଁହଜରତ ସ.ଅ ହ. ଅବଦୁଲ୍ଲାଃ ବିନ୍ ହଜଶ ର.ଅଙ୍କର କୌଣସି ଜିନିଷ ଗ୍ରହଣ କରିବାକୁ ପ୍ରତ୍ୟାଖ୍ୟାନ କରିଦେଲେ । ହୁରମତ ମାସରେ ଉକ୍ତ ଆକ୍ରମଣ ଯୋଗୁଁ ଅଲ୍ଲାଃତାଲା ମୁସଲମାନମାନଙ୍କୁ ଅଶ୍ୱସ୍ତି ଓ ସାନ୍ତ୍ୱନା ସକାଶେ ସୁରତୁଲ୍ ବକରାହର ଆୟତ୍ ୨୧୮ ଐଶୀ ସ୍ୱରୂପ ଅବତୀର୍ଣ୍ଣ କଲେ । ଉକ୍ତ ଆୟତ୍ ଫଳରେ ମୁସଲମାନମାନଙ୍କୁ ଯେଉଁଠି ଆଶ୍ୱସ୍ତି ମିଳିଲା ସେଠାରେ କୁରୈଶମାନେ ମଧ୍ୟ ଶିଥିଳ ପଡିଗଲେ । କାରଣ ସେମାନଙ୍କୁ ଏହା ଜ୍ଞାତ ହୋଇ ଯାଇଥିଲା ଯେ, ଅଲ୍ଲାଃତାଲାଙ୍କର ଐଶୀବାଣୀ ଅବତୀର୍ଣ୍ଣ ହୋଇଛି । ଏହାପରେ ଆଁହଜରତ ସ.ଅ ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ଓ ହ. ଅତ୍ବା ବିନ୍ ଗଜ୍ୱାନଙ୍କ ସୁରକ୍ଷିତ ରୂପେ ଆସିବା ସର୍ତ୍ତରେ କୁରୈଶ୍ମାନଙ୍କର ଦୁଇ ଜଣ ବନ୍ଦୀଙ୍କୁ ଫିଦିୟା  ନେଇ ମୁକ୍ତ କରିଦେଲେ ।

ବଦ୍ରୁଲ୍ କୁବ୍ରା ଯୁଦ୍ଧ: ଉକ୍ତ ଯୁଦ୍ଧକୁ ପବିତ୍ର କୁରଆନ୍ରେ ୟମୁଲ୍ ଫୁର୍କାନ ବୋଲି ବିବେଚଚିତ କରାଯାଏ । ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ନବୀ କରୀମ୍ ସ.ଅଙ୍କ ଫୁର୍କାନ ଦିନଟି ବଦର ଯୁଦ୍ଧର ଦିନ ଥିଲା। ଏହି ଦିନରେ ବିରୋଧୀମାନଙ୍କର ଶକ୍ତିଶାଳୀ ନେତାମାନେ ମୃତ୍ୟୁ ବରଣ କରିଥିଲେ ଓ ମୁସଲମାନମାନେ ଜୟଲାଭ କରିଥିଲେ । ହ. ଖଲିଫତୁଲ୍ ମସିହ୍ ଅୱର୍ ର.ଅ ଅନ୍ୟ ଏକ ସ୍ଥାନରେ ପବିତ୍ର କୁରଆନ୍ର ଅର୍ଥ ପ୍ରକାଶ କରି କୁହନ୍ତି, ପବିତ୍ର କୁରଆନ୍ରୁ ମୋତେ ଏହି ଅର୍ଥ ଜ୍ଞାତ ହେଲା ଯେ, ଫୁର୍କାନ ସେହି ବିଜୟକୁ କୁହାଯାଏ ଯେ, ଯେଉଁ ଯୁଦ୍ଧରେ ମୁସଲମାନେ ବିଜୟ ବିମଣ୍ଡିତ ହେଲେ ଏବଂ ଅବିଶ୍ୱାସକାରୀମାନଙ୍କର ଅଣ୍ଟା ଭାଙ୍ଗିଯିବ । ସେହି ଦିନଟି ହେଉଛି ବଦର୍ ଯୁଦ୍ଧ ଦିନ ।

ଉକ୍ତ ଯୁଦ୍ଧକୁ ବଦ୍ରେ ସାନିୟା, ବଦ୍ରୁଲ୍ କୁବ୍ରା, ବଦ୍ରୁଲ୍ ଉଜମା, ବଦ୍ରୁଲ୍ କିତାଲ ମଧ୍ୟ କୁହାଯାଏ । ରସୁଲୁଲ୍ଲାଃ ସ.ଅଙ୍କୁ ସୂଚନା ପ୍ରାପ୍ତ ହେଲା ଯେ, ଅବୁ ସୁଫିୟାନ୍ କୁରୈଶ୍ମାନଙ୍କର ଏକ ଦଳକୁ ଧରି ଫେରୁଛି । ଯହିଁରେ ଏକ ହଜାର ଓଟ ଅଛନ୍ତି ଏବଂ ସେହି ଓଟ ଉପରେ କୁରୈଶମାନଙ୍କର ବୃହତ୍ ସମ୍ବଳ ଲଦା ହୋଇଥିଲା । ୩୦ କିମ୍ବା ୪୦ଜଣ ଅବା ୭୦ ଜଣ ଲୋକ ରହିଥିଲେ । ଏହି ଦଳଟି ସେହି ଦଳ ଥିଲା ଯାହାର ପିଛା କରିବା ପାଇଁ ଆପଣ ସ.ଅ ପୂର୍ବେ ମଧ୍ୟ ବାହରିଥିଲେ । ଉକ୍ତ ଅଭିଯାନ ନିମନ୍ତେ ଆପଣ ସ.ଅ ଜମାଦିଉଲ୍ ଉଲା ଅବା ଜମାଦିଉଲ୍ ଆଖିର ୨ ହିଜ୍ରୀରେ ବାହାରିଥିଲେ । କେତେକ ସ୍ୱଳ୍ପ ଜ୍ଞାନର ଅଧିକାରୀ ଥିବା ବ୍ୟକ୍ତିମାନେ ଆପତ୍ତି କରନ୍ତି ଯେ, ମୁସଲମାନମାନେ

ବିରୋଧୀମାନଙ୍କର ଜିନିଷି ପତ୍ରକୁ ଲୁଣ୍ଠନ କରିବା ନିମନ୍ତେ ଉକ୍ତ ଯୁଦ୍ଧ ରଚନା କରିଥିଲେ । କିନ୍ତୁ ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ସିରତ୍ ଖାତମୁନ୍ ନବିୟୀନ୍‌ରେ ବର୍ଣ୍ଣନା କରନ୍ତି ଯେ, ଉକ୍ତ ଦଳକୁ ରୋକିବା ନିମନ୍ତେ ବାହାରିବା କଦାପି ଆପତ୍ତିଜନକ ନଥିଲା । କାରଣ ଏହା ଅସାଧାରଣ ଦଳ ଥିଲା ଏବଂ ଏହାର ଲାଭ ମୁସଲମାନମାନଙ୍କ ବିରୁଦ୍ଧରେ ବ୍ୟବହୃତ କରାଯିବାର ଥିଲା । ସୁତରାଂ ଇତିହାସରୁ ଏହା ପ୍ରମାଣିତ ଯେ, ଏହାର ଲାଭ ଓହୋଦ୍ ଯୁଦ୍ଧର ପ୍ରସ୍ତୁତିରେ ବ୍ୟୟ କରାଗଲା । ଅତଃ ତାକୁ ଅଟକାଇବା ଓ ଯୁଦ୍ଧ କୌଶଳ ଅବଲମ୍ବନ କରିବା ନିହାତ ଜରୁରୀ ଥିଲା ।

ରସୁଲୁଲ୍ଲାଃ ସ.ଅ ଉକ୍ତ ଦଳର ସମ୍ବାଦ ପ୍ରେରଣ ଉଦ୍ଦେଶ୍ୟରେ ହ. ତଲ୍‌ହା ବିନ୍ ଉବୈଦୁଲ୍ଲାଃ ଓ ହ. ସଇଦ୍ ବିନ୍ ଜୈଦ୍ ର.ଅଙ୍କୁ ଆଗକୁ ପ୍ରେରଣ କଲେ । ଅବୁ ସୁଫିୟାନକୁ ସୂଚନା ମିଳିଲା ଯେ, ରସୁଲୁଲ୍ଲାଃ ସ.ଅ ସାହାବାମାନଙ୍କ ସହିତ ଉକ୍ତ ଦଳ ଉପରେ ଆକ୍ରମଣ କରିବା ପାଇଁ ବାହାରି ପଡ଼ିଥିଲେ । ଉକ୍ତ ସୂଚନା ପାଇବା ପରେ ସେମାନେ ଆତଙ୍କିତ ହୋଇ ପଡ଼ିଥିଲେ ଏବଂ ନିଜର ଏକ ସନ୍ଦେଶ ବାହକକୁ ମକ୍କା ଯାଇ ଏହି ସୂଚନା ଦେବାକୁ କହିଲେ ଓ ସ୍ୱୟଂ ଅବୁ ସୁଫିୟାନ୍ ବଦର୍ ଭୂମିକୁ ଛାଡ଼ି ଦ୍ରୁତ ଗତିରେ ଆଗକୁ ଅଗ୍ରସର ହୋଇଗଲା ।

ତତ୍‌ସଂକ୍ରାନ୍ତରେ ଆଁହଜରତ ସ.ଅଙ୍କ ପିଉସୀ ଆତ୍‌କା ବିନ୍ତ୍ ଅବ୍ଦୁଲ୍ ମୁତଲ୍ଲିବ୍‌ଙ୍କର ଏକ ବିଚିତ୍ରପୂର୍ଣ୍ଣ ସ୍ୱପ୍ନ ରହିଛି, ଯାହା ପରବର୍ତ୍ତୀ ସମୟରେ ସତ୍ୟ ସାବ୍ୟସ୍ତ ହେଲା । ସେ ଅବୁ ସୁଫିୟାନ୍‌ର ସନ୍ଦେଶ ବାହକର ମକ୍କା ପହଞ୍ଚିବା ପୂର୍ବର ତିନି ରାତ୍ର ପୂର୍ବେ ସ୍ୱପ୍ନ ଦେଖିଲେ ଯେ, ଜଣେ ବ୍ୟକ୍ତି ଓଟ ଉପରେ ଆରୋହଣ ହୋଇ ଅବ୍‌ତହ୍ ନାମକ ଭୂମିରେ, ପୁନଶ୍ଚ ଖାନା କାବାର ଛାତ ଉପରେ, ପୁନଶ୍ଚ ଅବୁ କୁବୈସ୍ ପର୍ବତ ଶିଖର ଉପରେ ଛିଡ଼ା ହୋଇ ଉଚ୍ଚ ସ୍ୱରରେ ଲୋକମାନଙ୍କୁ ନିଜର ହତ୍ୟା ସ୍ଥଳରେ ତିନି ଦିନ ମଧ୍ୟରେ ପହଞ୍ଚିବା ପାଇଁ କହିଲା । ଏହାପରେ ସେ ଏକ ଶିଳା ଖଣ୍ଡ ଉକ୍ତ ପର୍ବତରୁ ତଳକୁ ଖସାଇ ଦେଲା । ଉକ୍ତ ଶିଳା ଖଣ୍ଡ ତଳକୁ ପହଞ୍ଚିବା ମାତ୍ରେ ତାହା ଖଣ୍ଡ ବିଖଣ୍ଡିତ ହୋଇଗଲା ଏବଂ ମକ୍କାର ଏପରି କୌଣସି ଘର ଆଉ ବାକି ନଥିଲା ଯହିଁରେ ଉକ୍ତ ଶିଳା ଖଣ୍ଡଗୁଡ଼ିକ ପହଞ୍ଚି ନଥିବ । ସୁତରାଂ ଆତକା ବିନ୍ ଅବ୍ଦୁଲ୍ ମୁତଲ୍ଲିବ୍ ଉକ୍ତ ସ୍ୱପ୍ନ ସଂକ୍ରାନ୍ତରେ ନିଜର ଭାଇ ହ. ଅବ୍‌ବାସ ବିନ୍ ଅବ୍ଦୁଲ୍ ମୁତଲ୍ଲିବ୍‌ଙ୍କୁ କହିଲେ । ଫଳତଃ ଉକ୍ତ କଥାଟି ତୁଣ୍ଡ ବାଇଦ ସହସ୍ର କୋସ ସାବ୍ୟସ୍ତ ହୋଇ ଅବୁ ଜହଲ୍ ପର୍ଯ୍ୟନ୍ତ ପହଞ୍ଚିଗଲା । ଅବୁ ଜହଲ୍ କହିଲା ଯେ, ଆମେ ତିନି ଦିନ ପର୍ଯ୍ୟନ୍ତ ଅପେକ୍ଷା କରିଥିଲୁ । ଯଦି ଏହିପରି ଘଟିଲା ତାହାହେଲେ ଠିକ୍ ଅଛି, ଅନ୍ୟଥା ଆମେ ଖାନା କାବାରେ ଏକ ଲେଖା ଓହଳାଇ ଦେବୁ ଯେ, ତୁମେମାନେ ଆରବବାସୀଙ୍କ ମଧ୍ୟରେ ଘୋର ମିଥ୍ୟାଚାରୀ ଅଟ । ଏତଦ୍‌ପରେ ହ. ଅବ୍‌ବାସ୍ ବିନ୍ ଅବ୍ଦୁଲ୍ ମୁତଲ୍ଲିବଙ୍କ ମହିଳାମାନଙ୍କ କହିବା ହେତୁ ଅବୁ ଜହଲ୍‌କୁ ହତ୍ୟା କରିବା ନିମନ୍ତେ ଖାନା କାବା ଗଲେ । କିନ୍ତୁ ସେମାନଙ୍କର ଦୃଷ୍ଟି ଅବୁ ସୁଫିୟାନଙ୍କ ସନ୍ଦେଶ ବାହକର ଆତଙ୍କିତ ଅବସ୍ଥା ଆଡ଼କୁ କେନ୍ଦ୍ରିତ ହୋଇଗଲା । ଉକ୍ତ ସନ୍ଦେଶ ବାହକକୁ ମକ୍କାବାସୀଙ୍କୁ ମୁସଲମାନମାନଙ୍କ ଆକ୍ରମଣରୁ ସତର୍କ କରିବା ଉଦ୍ଦେଶ୍ୟରେ ପ୍ରେରଣ କରାଯଇଥିଲା । ଏହି ସନ୍ଦେଶ ବାହାକ ଖାଲି ଅବୁ ସୁଫିୟାନ୍‌ର ଦଳକୁ ବଞ୍ଚାଇବା ନିମନ୍ତେ ଘୋଷଣା କରୁଥିଲା । କୁରେଶ୍‌ମାନେ ପୂର୍ବରୁ ହିଁ ଯୁଦ୍ଧ କରିବା ନିମନ୍ତେ ବାହାନା ଖୋଜୁଥିଲେ । ସନ୍ଦେଶ ବାହକର ଘୋଷଣା ପରେ ସେମାନଙ୍କ ଇଚ୍ଛା ମୁତବାକ ସେମାନଙ୍କୁ ବାହାନା ମିଳିଗଲା ଏବଂ ସେମାନେ ଯୁଦ୍ଧ ନିମନ୍ତେ ସଂପୂର୍ଣ୍ଣ ରୂପେ ପ୍ରସ୍ତୁତ ହେବାକୁ ଲାଗିଲେ।

ହୁଜୁର ଅନ୍‌ୱର୍ ଅ.ବ ଆଁହଜରତ ସ.ଅଙ୍କ ଜୀବନୀ ପରମ୍ପରା ସଂପର୍କରେ କହିଲେ, ଆଁହଜରତ ସ.ଅଙ୍କ ଜୀବନୀ ପରମ୍ପରାଟି ଆସନ୍ତାରେ ମଧ୍ୟ ଜାରି ରହିବ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଇଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍ଲକୁମ୍ ତଜକ୍ କରୁନା ଉୟ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜିକ୍‌ରୁଲ୍ଲାହି ଅକ୍‌ବର୍**

....................................

KHULASA KHUTBA JUMA HUZOOR ANWAR a.b.a
9th June. 2023